ODISHA POLICE
STATE HEADQUARTERS
CUTTACK.

# ପ୍ରେସ୍ ନୋଟ୍

## ନୂତନ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ

କଟକ ତା ୩୧.୮.୨୦୧୭ – ଓଡିଶା ପୋଲିସର ନୂତନ ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ଆଜି ପୂର୍ବାହ୍ନରେ କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଡା. ଶର୍ମା ପୋଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ "ଗାର୍ଡ ଅଫ୍ ଅନର" ପ୍ରଦାନ କରାଯିବା ସହ ଉପସ୍ଥିତ ବରିଷ୍ଠ ଅଧିକାରୀ ମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଦାୟିତ୍ୱ ଗ୍ରହଣ ପରେ ଗଣ ମାଧ୍ୟମର ପ୍ରତିନିଧି ମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଡା. ଶର୍ମା କହିଲେ ଯେ ତାଙ୍କୁ ସରକାର ଯେଉଁ ଗୁରୁ ଦାୟିତ୍ୱ ପ୍ରଦାନ କରିଛନ୍ତି, ତାକୁ ସେ ନିଷ୍ଠାର ସହ ତୁଲାଇବେ । ପୋଲିସକୁ ଲୋକାଭିମୁଖୀ, ଦାୟିତ୍ୱବାନ, ସଂବେଦନ ଶୀଳ ଏବଂ ମାନବୀୟ କରିବାକୁ ଚେଷ୍ଟା କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନାରା Technology, Transparency ଓ Team Work କୁ ମଧ୍ୟ ପୋଲିସ ପ୍ରଶାସନରେ ଲାଗୁ କରି କାର୍ଯ୍ୟ କରିବେ । ମାଓବାଦୀ କାର୍ଯ୍ୟକଳାପର ନିୟନ୍ତ୍ରଣ, ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧକୁ ରୋକିବାକୁ ସେ ବିଶେଷ ଧ୍ୟାନ ଦେବା ସହ ପୋଲିସ ଭିତ୍ତିଭୂମିର ବିକାଶ ଦିଗରେ କାର୍ଯ୍ୟ କରିବେ । ଓଡିଶା ପୋଲିସ ନିରପେକ୍ଷ ଓ ସଚ୍ଚୋଟତାର ସହ କାର୍ଯ୍ୟକରି ଲୋକଙ୍କ ବିଶ୍ୱାସ ଭାଜନ ହେବ ବୋଲି ନବ ନିଯୁକ୍ତ ଡି.ଜି ଡା. ଶର୍ମା ଏହି ଅବସରରେ ପ୍ରକାଶ କରିଥିଲେ ।

ସୂଚନାଯୋଗ୍ୟଯେ ୧୯୮୬ ବ୍ୟାଚର ଆଇ.ପି.ଏସ୍ ଅଧିକାରୀ ଡା. ଶର୍ମା ଏମ୍.ବି.ବି.ଏସ୍ ଡିଗ୍ରୀ ସହ ଆଇନରେ ମଧ୍ୟ ସ୍ନାତକ କରିଛନ୍ତି । ରାଜସ୍ଥାନର ଆଜ୍ମୀର ର ମୂଳବାସିନ୍ଦା ଡା. ଶର୍ମା ତାଙ୍କ ଚାକିରିକାଳ ମଧ୍ୟରେ କଳାହାଣ୍ଡି, ବ୍ରହ୍ମପୁର, ଢେଙ୍କାନାଳ, ବାଲେଶ୍ୱର ଆଦି ଜିଲ୍ଲାରେ ଆରକ୍ଷୀ ଅଧିକ୍ଷକ ଭାବେ କାର୍ଯ୍ୟ ସଂପାଦନ କରିଛନ୍ତି । ସେ ମଧ୍ୟ ମିଳିତ ଜାତି ସଂଘ ତରଫରୁ ହାଇତି ଠାରେ ସିଭିଲ ପୋଲିସ ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ହାସଲ କରିଛନ୍ତି । ତା ୨୪.୮.୨୦୦୧ ରେ ଡି.ଆଇ.ଜି ପଦବୀକୁ ପଦୋନ୍ନତି ପାଇବା ପରେ ସେ କ୍ରାଇମ୍‌ବ୍ରାଞ୍ଚ ଏବଂ କେନ୍ଦ୍ରାଞ୍ଚଳ ରେଂଜରେ ଡି.ଆଇ.ଜି ଭାବେ କାର୍ଯ୍ୟକରି କେଂନ୍ଦ୍ରୀୟ ଡେପୁଟେସନରେ ଯାଇ ଏନ୍.ଏସ୍.ଜି ରେ ମଧ୍ୟ ଡି.ଆଇ.ଜି ଭାବେ କାର୍ଯ୍ୟ କରିଥିଲେ । ସେହି ସମୟରେ ଡା. ଶର୍ମା ତା ୨୩.୮.୨୦୦୫ରେ ପ୍ରୋଫର୍ମା ପଦୋନ୍ନତି ପାଇ ଏନ୍.ଏସ୍.ଜିରେ ଆଇ.ଜି ଭାବେ କାର୍ଯ୍ୟ କରିଥିଲେ । ତା ୧୨.୮.୨୦୧୩ ରେ ସେ ଅତିରିକ୍ତ ପୋଲିସ ଡି.ଜି ପାହ୍ୟାକୁ ପଦୋନ୍ନତି ପାଇବା ପରେ କଟକ-ଭୁବନେଶ୍ୱର ପୋଲିସ କମିଶନରେଟର କମିଶନର ଭାବେ ନିଯୁକ୍ତି ପାଇ ତା ୨୭.୧.୨୦୧୬ ପର୍ଯ୍ୟନ୍ତ ସଫଳତାର ସହ କାର୍ଯ୍ୟ କରିଥିଲେ । ଡି.ଜି ପାହ୍ୟାକୁ ପଦୋନ୍ନତି ପାଇ ଡା. ଶର୍ମା ତା ୨୭.୧.୨୦୧୬ ରେ ଦୁର୍ନିତୀ ନିବାରଣ ବିଭାଗର ଡି.ଜି ତଥା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ ।

ଦାୟିତ୍ୱ ଗ୍ରହଣ ସମୟରେ ରାଜ୍ୟ ପୋଲିସର ବହୁ ବରିଷ୍ଠ ଅଧିକାରୀ ଓ ପୋଲିସ ମୁଖ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ଲୋକ ସମ୍ପର୍କ ଅଧିକାରୀ